# NATIONAL NEWS BULLETIN (ODIA)

## 18 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମିଳିଲା ସ୍ୱିଡେନ୍‌ର ସର୍ବୋଚ୍ଚ ସମ୍ମାନ 'ରୟାଲ୍ ଅର୍ଡର ଅଫ୍ ଦ ପୋଲାର ଷ୍ଟାର'

– ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟକରିବାକୁ ଉଭୟ ଦେଶ ସହମତ

- ତୃତୀୟ ଭାରତ ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଆଜି ନରୱେ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

- ଛତିଶଗଡ଼ର ବସ୍ତରରେ ଆଜି ଶହୀଦଙ୍କ ପରିବାର ଓ ସୁରକ୍ଷାକର୍ମୀଙ୍କ ସହ ଆଲୋଚନା କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ

- କେରଳମ୍‌ର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ କଂଗ୍ରେସ ନେତା ଭି.ଡି. ସତୀଶନ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ

# ପିଏମ୍-ସ୍ୱିଡେନ୍ ଷ୍ଟ୍ରାଟେଜିକ୍ ପାର୍ଟନରସିପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ଦିନିଆ ସ୍ୱିଡେନ୍ ଗସ୍ତରେ ଯାଇ ଗତକାଲି ରାତିରେ ସ୍ୱିଡିସ୍ ପ୍ରତିପକ୍ଷ ଉଲ୍‌ଫ କ୍ରିଷ୍ଟରସନଙ୍କ ସହ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସଂପର୍କ ଏବଂ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ପ୍ରତି ଅବଦାନ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱିଡେନ୍‌ର ସର୍ବୋଚ୍ଚ ସମ୍ମାନ "ରୟାଲ୍ ଅର୍ଡର୍ ଅଫ୍ ଦ ପୋଲାର ଷ୍ଟାର- ଡିଗ୍ରୀ କମାଣ୍ଡର ଗ୍ରାଣ୍ଡ୍ କ୍ରସ୍" ପ୍ରଦାନ କରାଯାଇଛି । ଶ୍ରୀ ମୋଦୀଙ୍କୁ ପ୍ରଦାନ କରାଯାଇଥିବା ଏହା ୩୧ ତମ ଆନ୍ତର୍ଜାତିକ ସମ୍ମାନ ।

ସ୍ୱିଡେନ୍ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ପ୍ରତିନିଧି ମଣ୍ଡଳୀସ୍ତରୀୟ ଆଲୋଚନା ସମୟରେ ଦ୍ୱିପାକ୍ଷିକ ସଂପର୍କ ଓ ରଣନୈତିକ ସହଭାଗିତାକୁ ଆହୁରି ଆଗକୁ ନେବାକୁ ସହମତି ପ୍ରକାଶ ପାଇଛି । ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ସବୁଜ ପରିବର୍ତ୍ତନ, ମହାକାଶ, ପ୍ରତିରକ୍ଷା ଓ ଗବେଷଣା ଭଳି କ୍ଷେତ୍ରରେ ସହଯୋଗ ବିଷୟରେ ଆଲୋଚନା ହୋଇଛି । ଉଭୟ ନେତା ଜାତିସଂଘ ଏବଂ ବହୁପାକ୍ଷିକ ପ୍ରତିଷ୍ଠାନରେ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

୨୦୨୬ରୁ ୨୦୩୦ ପର୍ଯ୍ୟନ୍ତ   ଅର୍ଥନୈତିକ ବିକାଶ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଯୋଜନା ଗ୍ରହଣ କରାଯାଇଛି । **V/O**

ଉଭୟ ଦେଶ ୨୦୨୭ରେ ଭାରତରେ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସମ୍ମିଳନୀ ଆୟୋଜନ କରିବା ଲାଗି ସମ୍ମିତି ପ୍ରକାଶ କରିଛନ୍ତି । ସେଠାକାର ସି.ଇ.ଓ.ମାନଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ମେକ୍ ଇନ୍ ଇଣ୍ଡିଆ ଓ ମେଡ୍ ଓ୍ୱିଥ୍ ସ୍ୱିଡେନ୍ ଦିଗରେ ଅଧିକ ପୁଞ୍ଜି ନିବେଶ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆଲୋଚନା କାଳରେ ଉଭୟ ଦେଶ କୃତ୍ରିମ ବୁଦ୍ଧିମତ୍ତା, ସିକ୍ସ-ଜି, କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ୍ ଓ ଜୀବବିଜ୍ଞାନ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହ ଭାରତ-ସ୍ୱିଡେନ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ପ୍ରତିଷ୍ଠା କରିବାକୁ ରାଜି ହୋଇଛନ୍ତି ।

**V/O**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସ୍ୱିଡେନ୍‌ର ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଜଣାଇବା ସହ ବିଶ୍ୱରେ ସ୍ଥିରତା ପ୍ରତି ମିଳିତ ପ୍ରତିବଦ୍ଧତା ଲାଗି ଆଗ୍ରହ ପ୍ରକାଶ କରିଥିଲେ । **V/O**

ସ୍ୱିଡେନ୍ ପ୍ରଧାନମନ୍ତ୍ରୀ କ୍ରିଷ୍ଟରସନ୍ ଡିଜିଟାଲ ପରିବର୍ତ୍ତନ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତର ଅଗ୍ରଗତିକୁ ପ୍ରଶଂସା କରିବା ସହ ସେଠାରେ ରହୁଥିବା ଭାରତୀୟ ସଂପ୍ରଦାୟର ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ ।

ଗୋଥେନବର୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ବିର୍ଲା-ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୩୧ତମ ଆନ୍ତର୍ଜାତିକ ସମ୍ମିଳନୀ ଭାବେ ସ୍ୱିଡେନ୍ ସରକାର "ରୟାଲ୍ ଅର୍ଡର୍ ଅଫ୍ ଦ ପୋଲାର ଷ୍ଟାର-ଡିଗ୍ରୀ କମାଣ୍ଡର ଗ୍ରାଣ୍ଡ୍ କ୍ରସ୍" ପ୍ରଦାନ କରିବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କହିଛନ୍ତି, ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱର ଏହା ପ୍ରତିଫଳନ । ସେ କହିଛନ୍ତି, ଆଗାମୀ ଦିନରେ ଭାରତ ଏବଂ ସ୍ୱିଡେନ୍ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଆହୁରି ଦୃଢ଼ ହେବ । ସମସ୍ତ ଭାରତୀୟଙ୍କ ପାଇଁ ଏହା ଗର୍ବ ଏବଂ ପ୍ରେରଣାର ବିଷୟ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଏହା ଏକ ଜାତୀୟ ଗର୍ବର ବିଷୟ। ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ମାନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି ।

## ପିଏମ୍-ନରୱେ ଭିଜିଟ୍

ପଞ୍ଚରାଷ୍ଟ୍ରୀୟ ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଆଜି ନରୱେରେ ପହଞ୍ଚିବେ । ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ନରେୱେକୁ ପ୍ରଥମ ଗସ୍ତ ହେବ । ଗତ ୪୩ ବର୍ଷ ମଧ୍ୟରେ ଭାରତରୁ ନରୱେକୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଗସ୍ତ କରୁଛନ୍ତି । ସେଠାରେ ଶ୍ରୀ ମୋଦୀ ରାଜା ହେରାଲ୍ଡ ପଞ୍ଚମ ଏବଂ ମହାରାଣୀ ସୋନ୍ୟାଙ୍କ ସହ ସାକ୍ଷାତ କରିବେ । ଶ୍ରୀ ମୋଦୀ ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗହର ଷ୍ଟୋର୍‌ଙ୍କ ସହ ମଧ ଦ୍ୱିପାକ୍ଷିକ ଆଲୋଚନା କରିବେ । ଶ୍ରୀ ମୋଦୀ ଭାରତ-ନୋର୍ଡିକ୍ ବାଣିଜ୍ୟ ଏବଂ ଅନୁସନ୍ଧାନ ଶିଖର ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ଏହି ସମୟରେ ଭାରତ-ନୋର୍ଡିକ୍ ସଂପର୍କରେ ହୋଇଥିବା ପ୍ରଗତି ନେଇ ସମୀକ୍ଷା କରାଯିବ ।

ତୃତୀୟ ଭାରତ-ନୋର୍ଡିକ୍ ଶିଖର ସମ୍ମିଳନୀ ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ନରୱେ, ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ ଏବଂ ସ୍ୱିଡେନ୍‌ର ପ୍ରଧାନମନ୍ତ୍ରୀମାନେ ଯୋଗଦେବେ । ଏହି ଶିଖର ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ସବୁଜ ପରିବର୍ତ୍ତନ ଓ ନବୀକରଣୀୟ ଶକ୍ତି, ନୀଳ ଅର୍ଥନୀତି, ପ୍ରତିରକ୍ଷା ଓ ମହାକାଶ ଭଳି ରଣନୈତିକ କ୍ଷେତ୍ରରେ ଭାରତର ପ୍ରଭାବ ବୃଦ୍ଧି ପାଇବା ନେଇ ଆଶା କରାଯାଉଛି ।

# ଶାହା-ଛତିଶଗଡ଼

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ୨ ଦିନିଆ ଛତିଶଗଡ଼ ଗସ୍ତରେ ଯାଇ ଗତ ସନ୍ଧ୍ୟାରେ ରାୟପୁରରେ ପହଞ୍ଚିଛନ୍ତି । ଗସ୍ତକାଳରେ ଶ୍ରୀ ଶାହା ରାୟପୁର ଓ ବସ୍ତରଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଥମଦିନରେ ସେ ଛତିଶଗଡ଼ ଗସ୍ତ କରି ଆଜି ସକାଳେ ରାୟପୁରଠାରେ ଜରୁରୀକାଳୀନ ସେବା "ଡାଏଲ୍-୧୧୨" ଅଧୀନରେ ନୂତନ ଗାଡ଼ିଗୁଡ଼ିକର ପତାକା ଦେଖାଇ ଶୁଭାରମ୍ଭ କରିବେ । ପରେ ସେ ବସ୍ତର ଯାତ୍ରା କରି ସେଠାରେ ନେତାନାର ଗ୍ରାମରେ ଏକ ସାର୍ବଜନୀନ ସୁବିଧା କେନ୍ଦ୍ରର ଉଦ୍‌ଘାଟନ କରିବେ । ଏହି କେନ୍ଦ୍ର ଜରିଆରେ ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସରକାରୀ ସେବା ସହଜରେ ଉପଲବ୍ଧ କରାଯାଇ ପାରିବ । ଶ୍ରୀ ଶାହା ଆଜି ଜଗଦଲପୁରରେ ପହଞ୍ଚି ଅମରବାଟିକାରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଅପରାହ୍ନରେ ସେ ଶହୀଦଙ୍କ ପରିବାର, ସୁରକ୍ଷାକର୍ମୀ, ନକ୍ସଲ ହିଂସାପ୍ରଭାବିତ ବ୍ୟକ୍ତି ଓ ସ୍ଥାନୀୟ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ବସ୍ତର କେ ସଙ୍ଗ୍'ରେ ଶ୍ରୀ ଶାହା ସାମିଲ ହେବେ । ଆସନ୍ତାକାଲି ସ୍ୱରାଷ୍ଟ୍ରମନ୍ତ୍ରୀ ଜଗଦଲପୁରରେ କେନ୍ଦ୍ରୀୟ ଜୋନାଲ୍ ପରିଷଦର ୨୬ତମ ବୈଠକରେ ଅଧ୍ୟକ୍ଷତା କରିବେ । ଏହି ବୈଠକରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ ।

ସୂଚନାଯୋଗ୍ୟ, ଛତିଶଗଡ଼କୁ ନକ୍ସଲମୁକ୍ତ ଘୋଷଣା କରାଯିବା ପରେ ଶ୍ରୀ ଶାହାଙ୍କର ଏହା ପ୍ରଥମ ଗସ୍ତ ।

## କେରଳମ୍ - ଓଥ୍

କଂଗ୍ରେସ ନେତା ଭି.ଡି. ସତୀସନ୍ ଆଜି କେରଳମ୍‌ର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ତିରୁବନନ୍ତପୁରମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ଶ୍ରୀ ସତୀସନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୨୦ ଜଣ ମନ୍ତ୍ରିମଣ୍ଡଳର ସଦସ୍ୟ ଭାବେ ଶପଥ ଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୧୬ ଜଣ ପ୍ରଥମଥର ପାଇଁ ମନ୍ତ୍ରୀପଦ ଗ୍ରହଣ କରିବେ ।  ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କଂଗ୍ରେସକୁ ୧୧ଟି ମନ୍ତ୍ରୀପଦ ମିଳିଥିବା ବେଳେ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍‌କୁ ୫ଟି, କେରଳ କଂଗ୍ରେସ୍ ଯୋଶେଫ୍, ରିଭଲ୍ୟୁସନାରୀ ସୋସାଲିଷ୍ଟ ପାର୍ଟି, କେରଳ କଂଗ୍ରେସ ଜାକବ୍ ଏବଂ କମ୍ୟୁନିଷ୍ଟ ମାର୍କିସିଷ୍ଟ୍ ପାର୍ଟିକୁ ଗୋଟିଏ ଲେଖାଏଁ ମନ୍ତ୍ରୀପଦ ମିଳିବ । ଶ୍ରୀ ସତୀସନ୍‌ଙ୍କ ଘୋଷଣା ଅନୁଯାୟୀ ଥିରୁବାନ୍‌ଚୁର୍ ରାଧାକ୍ରିଷ୍ଣନ୍ ବାଚସ୍ପତି ଏବଂ ସାନିମଲ୍ ଉସ୍‌ମାନ୍ ଉପବାଚସ୍ପତି ହେବେ ।

## ନଡ୍ଡା-ସ୍ୱିଜରଲ୍ୟାଣ୍ଡ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଅଣାଅଶିତମ ସ୍ୱାସ୍ଥ୍ୟ ସମ୍ମିଳନୀରେ ଯୋଗଦେବା ଲାଗି ସ୍ୱିଜରଲ୍ୟାଣ୍ଡରେ ପହଞ୍ଚିଛନ୍ତି ।

ଆଜିଠାରୁ ଜେନେଭାରେ ଏହି ୬ ଦିନିଆ ସମ୍ମିଳନୀ ଆରମ୍ଭ ହେବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପୁନଃ ଆକୃତି ଦେବା ଚଳିତବର୍ଷର ବାର୍ତ୍ତା ରହିଛି । ସମ୍ମିଳନୀରେ ବିଶ୍ୱ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଖାଦେଉଥିବା ଆହ୍ୱାନଗୁଡ଼ିକର ସହଯୋଗପୂର୍ଣ୍ଣ ସମାଧାନ ଦିଗରେ ଆଲୋଚନା ହେବ ବୋଲି ସେ କହିଛନ୍ତି । ଏହି ସମ୍ମିଳନୀରେ ୧୬୫ରୁ ଅଧିକ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାମିଲ ହେବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ– ଗୃହ ତାଲିକା ଏବଂ ଗଣନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱରାଷ୍ଟ୍ରମନ୍ତ୍ରଣାଳୟର ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଭାରତୀୟ ଜନଗଣନା କମିଶନରଙ୍କ କାର୍ଯ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଜେନେରାଲ୍ ଭି.ଏ.ଓ୍ୱାରାଡେ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି

ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛନ୍ତି । ପ୍ରଥମ ଟିମ୍ ଭାବେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେ-ଅଫ୍ କୁ ଉନ୍ନୀତ ହୋଇଛି ।

ଧର୍ମଶାଳାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୪ ୱିକେଟ୍ ହରାଇ ୨୨୨ ରନ୍ ସ୍କୋର୍ କରିଥିଲା । ପଞ୍ଜାବ କିଙ୍ଗ୍‌ସ ସମାନ ସଂଖ୍ୟକ ଓଭର୍‌ରେ ୮ ୱିକେଟ୍‌ରେ ୧୯୮ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ୫ ୱିକେଟ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି । ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ ୧୯ ଓଭର୍ ୨ଟି ବଲ୍‌ରେ ୧୯୭ ରନ୍ କରିଥିଲା । ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍‌ସ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୯୩ ରନ୍

ସ୍କୋର୍ କରିଥିଲା। ମିସେଲ୍ ଷ୍ଟାର୍କଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର୍ କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।